**ପାଣ୍ଡବଙ୍କ ମୃତ୍ୟୁ ଶୁଣି ଧତରାଷ୍ଟଙ୍କର ଶୋକ ଓ ପ୍ରେତ କ୍ରିୟା ସାଧନ:**

ବଦନ୍ତି ଅଗସ୍ତି କୁମ୍ଭ ଋଷିଙ୍କର ତନୁ
କଳି କାଳ ଧ୍ୱଂସ ନିମନ୍ତେ ଶୁଣ ବଇବସୁତ ମନୁ ।୧ ।
ରାତ୍ରରେ ଜଦୁ ଗୃହ ହୋଇଲାକ ଦହନ
ପଳାଇଣ ଗଲେ ଝିମାଳିଶାଳ ଲୋକ ମାନ ।୨ ।
ସମ୍ଭର୍ବେ ଆସ୍ଥାନେ ବିଜୟେ କୁରୁପତି
କରପତ୍ର ଯୋଡିଣ ଡଗରାୟେ ବାରତା କହନ୍ତି ।୩ ।
ସ୍ୱାମୀ ପାଣ୍ଡବେ ଥିଲେ ଯେ ଜଦୁର ଘରେ ରହି
ଆଜ ରାତ୍ର କାଳେ ଦେବ ହୋଇଲେ ସର୍ବେ ଦହି ।୪ ।
ପୁରଞ୍ଜନ ପଣ୍ଡା ତାଙ୍କ ସଙ୍ଗତେ ଶୋଇଥିଲା
ତାହାଙ୍କର ସଙ୍ଗତେ ସେ ଦହନ ହୋଇଲା ।୫ ।
ୟେସନେକ ବାରତା ଶୁଣି ରାଜା କୁରୁପତି
ମୂର୍ଚ୍ଛାଗତେ ପଡିଲା ସେ ମାନଚତ୍ରବ୍ରତୀ ।୬ ।
ଧୁସାସନ ଦୃଜୟେ ଏକ ଉତ୍ତର ଶତେ ଭ୍ରାଥ
ଶହସ୍ରନ୍ତ ପକାଇ ଯେ ହୋଇଲେ ମୂର୍ଚ୍ଛାଗତ ।୭ ।
ଭୂରିସର୍ବଦାୟେ ଶୁଣିଲେ ଯେ ଭୀଷ୍ମ କୁରୁପତି ।୮ ।
ଭିତରେ ବାରତା ଯେ ପାଇଲେ ଧୃତରାଷ୍ଟେ
ବଜ୍ର ଘାତ ପ୍ରାୟେ ପଡିଲେ ଅଚେଷ୍ଟେ ।୯ ।
ଥାନ ମାନ ନିଚଳ ରାୟେ ଅସାଷ୍ଟମେ ଅଛି ପଡି
ନିଜ ପ୍ରାଣ ନିଷ୍ଚଳ କି ପ୍ରାଣ ଗଲା ଛାଡି ।୧୦ ।
ସ୍ୱାମୀକିକୋଳ କରି ଧଇଲେ ଗାନ୍ଧାରୀ
ମୁଖେ ଜଳ ନେଇ ସିଞ୍ଚିଲେ ପରିବାରୀ ।୧୧ ।
କୋଳ କରି ମନ୍ତ୍ରୀବର ଧଇଲା ସଞ୍ଜୟେ
କେଶ ବାସ ଅସମ୍ଭାଳ ଚେତନ ନାହିଂ କୁରୁରାୟେ ।୧୨ ।
ଆହା ପୁତ୍ର ବୋଲଇ ରୋବଇ ଧୃତରାୟେ
ୟେତେକାଳେ ଧାତା ମୋତେ ଦିଲାକ ପୁତ୍ର କଷ୍ଟ ।୧୩ ।
ପୁତ୍ରନ୍ତ ପାଳିଲି ମୁହିଂ ପଣ୍ଡୁର ଅଭାବେ ।
ୟେଥି ଦ୍ୱନ୍ଦ ପ୍ରମାଦ ହୋଇ ବୋଲି ମୁଂ ଥୋଇଲି ଆନ ଠାବ ।୧୪ ।
ଜଗତ ମୋହନ ବାବୁ ଜଗତ ତାରଣ ନାମ ଗୋଟି
ଅନାସ୍ତର ବାନ୍ଧବ ମୋହୋର ଦୁଖୀର ସଙ୍ଘାତ ଯୁଝେଷ୍ଠି ।୧୫ ।
ଅଜାତ ଶତ୍ରୁ ବାବୁ ସର୍ବଗଂ୍ୟ ସୁଧର୍ମ
ଆରେ ମୋହୋର ବାବୁ ଅର୍ଜ୍ଜୁନ ବୀର ଭୀମ ।୧୬ ।
ବଳବନ୍ତା ଶକତା ଯେ ଧର୍ମିକ ବୁଦ୍ଧିବନ୍ତା
ପର ଲୋକ ବାନ୍ଧବ ବାଭିୟେ ଅଭୟେ ରଣଜିତା ।୧୭ ।
ଅନାଥର ନାଥ ବାବୁ ମୋର ଅନ୍ଧର ଲଉଡି
ୟେକହୁଂ ଜାତ ଅନ୍ଧ ଆବର ଦୁଗୁଣେ କଷ୍ଟ ପଡି ।୧୮ ।
ବାବୁ ପାଣ୍ଡବାସୁର ମାରି ଉଦ୍ଧରିଲୁ କୁରୁବଂଶ
ପାଣ୍ଡବ ନାମ ତୁମ୍ଭନ୍ତ ଦିଲେ ଯେ ତ୍ରିଦଶ ।୧୯ ।
ହା ହା ରେ ନନ୍ଦନ ମୋର କେଉଂଣ କତି ଗଲୁ
ଗଭୀର ସୋମୋଦ୍ରେ ମୋହୋର ଭେଳା ବୁଡାଇଲୁ ।୨୦ ।
ଦୁଖୀର ସଙ୍ଘାତରେ ମୋହୋର ପ୍ରାଣ ପଞ୍ଚୁ ଭୁତ
ମୁହିଂ ତୁମ୍ଭର ଅପାଦ ଘେନି ଯାଇଂ ରେ ପଞ୍ଚୁ ପୁତ୍ର ।୨୧ ।
ଦେବ ଲୋକେ ତୁମ୍ଭନ୍ତ କଲେ ଯହୁଂ ଜନ୍ମ
କେବଣ ପାପ ଦୋଷେ ନାଶ ଗଲାକ ୟେତେ ଧର୍ମ ।୨୨ ।
ଆରେ ବାବୁ ମୋହୋର ନନ୍ଦନ ଅର୍ଜୁନ ରେ ଦୁତୀକୃଷ୍ଣ ଫାଲଗୁନି

ଯେ ନାମ ଗୋଟି ଦିଲେ କୃଷ୍ଣ କୋଳେ ତୋତେ ଘେନି ।୨୩ ।
ବାବୁ ଯେ କଉଂ ହୀନ ଜୀବ ଆବର ଦୁଖ ଉପରେ ଦୁଖ
ମୁହିଂ ବ୍ରତି ଚାଣ୍ଡାଳ ଚାହିବିଂ କାହା ମୁଖ ।୨୪ ।
ବାଳ ଭାବ ଛାଡି ପୁତ୍ରେ ଆବର ହୋଇଲା ରେ ଯୁବା
ଓହୋ କୁଳ ବୁଡାଇଣ କେଣେ ଗଲ ବାବା ।୨୫ ।
ରୋବଇ ଗାନ୍ଧାରୀ ଧୃତରାଷ୍ଟ୍ରର ପାଟରାଣୀ
ଭୂମିରେ ପଡଇ ଦେବୀ ଯେହ୍ନେ ବଜ୍ରଘାତ ଜାଣି ।୨୬ ।
ବଜ୍ରଘାତେ ଶରୀର ମୋହୋର ହୋଉଛି ବିଦାରି
ପୋତୁ ମୋହୋର ଶରୀର କେମନ୍ତେ ଥିବ ଧରି ।୨୭ ।
ଅନ୍ଧ ପଟଳ ବାନ୍ଧିଲି କାହାରି ଦୁଖ ନ ଦେଖିବାକୁ
କଷ୍ଟ ଉପରେ କଷ୍ଟ ନ ଗଲା ହାଦେ ମୁକୁ ।୨୮ ।
ଆରେ ଆରେ ବାବୁ ଯେ ମୋହୋର ନକୁଳ ସହଦେବ
ସୁଲକ୍ଷଣ ବୁଦ୍ଧି ଗୋଟି ଯାହାର ଅମୃତ ରସ ଭାବ ।୨୯ ।
ବାବୁ ଚାଲନ୍ତେ ଶୋହଇ ରେ ମୋହୋର ପଞ୍ଚୁ କଟକ ପୁରୀ
ଆସ୍ଥାନ ଶୋହଇ ଯେହ୍ନେ ବିଜୟେ ମୁରାରି ।୩୦ ।
ପ୍ରମାଦର ଡରେ ତୁମ୍ଭନ୍ତ ବାବୁ ଲୁଚାଇଲି ନେଇ
ସ‑।ଡେ ନାଶ ଗଲ ମୋହୋର ହୀନ ବୁଦ୍ଧିରେ ତହିଂ ।୩୧ ।
ବାବୁରେ ଆମ୍ଭନ୍ତ ମରଣ ହୁଅନ୍ତା ତୁମ୍ଭର ଆଗେ
ନିଲଜ ଆତ୍ମା କି‑ ନ ତୁଟଇ ପୁତ୍ର ଶୋଗେ ।୩୨ ।
ପୁତ୍ରେ କି‑। ନାଶ ଗଲେ ମାତା ପିତା ଥାଉଂ ଥାଉଂ
ଭୋ ଦଇବ ପୁରୁଷ ଯେହା ଭିଆଣ କଲୁ କାହୁଂ ।୩୩ ।
-------------------------------
୩୦ ।୧ ଆସ୍ଥାନେ ବସିଲେ ଶୋହଇ ଯେସନେ ଅମର ପୁରୀ ।
୩୨ ଏହି ପଦପରେ ଅଧିକା ପାଠ-
ଭ୍ରାଥା ଆବର ପୁତ୍ର ଚାହିଂବୁ କାହାର ମୁଖ
ହେ ଦଇବ ପୁତ୍ର କଷ୍ଟ ଦିଲୁ ଯେତେ ଦୁଖ ।
୩୨ ।୨ ଶୋଗେ-ଶୋକେ ।

ଆଗୋ କୋଇନ୍ତା ତୁ ଯେ ମୋହୋର ପ୍ରାଣ ସଖୀ
ତୋହୋର ପୁତ୍ରହୁଂ ଅଧିକ ମୋହୋର ପୁତ୍ରେ ଦେଖି ।୩୪ ।
ଆମ୍ଭେ ତ ବସିଲୁ ଯେ ହୋଇ ଅନ୍ଧ ଯେ ଅନ୍ଧୁଣୀ
ଯେହୁ ପଞ୍ଚୁ କଟକରେ ତୁହି ସେ ଠାକୁରାଣୀ ।୩୫ ।
କାହାକୁ ସମର୍ପିଲୁ ତୋହୋର ଯେତେକ ସ‑ଦ
ମେଣ୍ଟିତ ନ ପାରିଲୁ ଗୋ କର୍ମର ବିପଦ ।୩୬ ।
ଦରାଣ୍ଡ ହୋଇଣ ଅନ୍ଧ ଯେ ବାହାର ହୋଇ ଆସି
କେଉଂଣ ଅଗାଦେ ପଶିବି ଶରୀର ମୋର ଝାସି ।୩୭ ।
କେ ମୋତେ କଢାଇଣ ନେବ ଜଦୁର ଘରେ
ଅନ୍ଧ ଅନ୍ଧୁଣୀ ଦହି ହୋଇବୁ ପୁତ୍ରଙ୍କ ସଙ୍ଗତରେ ।୩୮ ।
ଦ୍ରିଯୋଧନ ବୋଇଲା ତାତ କ୍ରୋଧରେ ନୁହ ବାଇ
ଦହିଜ ଗଲା ଶରୀର ଆବର ଲୋଡିଲେ କାହିଂ ପାଇ ।୩୯ ।
ତୁ ତାହାଙ୍କର ଗୁଣ ଜାଣୁଟିକି ପିତା
ଆମ୍ଭନ୍ତ ମାଇଲା ସେ ପାଣ୍ଡବା ଦଇତା ।୪୦ ।
ନଦୀରେ ପଶି ଦେହ ପଖାଳୁଛି ଖାଇବ ବୋଲି ସବୁନ୍ତି
ଯେମନ୍ତର ସମୟେ ଯାଇଂ ଭେଟିଲେ ସୁତ କୁନ୍ତୀ ।୪୧ ।
ମୁହିଂ ତାହାନ୍ତ ତାତ କରିଅଛି ଅନେକ ଯେ ପାପ

ସେ କଥା ଶରୀରେ ଯେ ନ ବହିଲେ ଗରୁତାପ ।୪୨ ।
ଯୁଦ୍ଧରେ ମାରିଲେ ସେ ପାଣ୍ଡବାସୁରକୁ
ଅମୃତ ଦେଇଣ ତାତ ଜିଆଇଲେ ଆମ୍ଭଙ୍କୁ ।୪୩ ।
କଲା ଉପୁଗାର ଯେ ନ ସୁମରନ୍ତି ଜନ
ଅବଶ୍ୟ ହୁଅନ୍ତି ସେ ନରକେ ପତନ ।୪୪ ।
ୟେସନେକ ସଖା ଯେ ଅଟନ୍ତି ମୋହୋର ସୋହୋଦ୍ରେ
ୟେସନେକ ସଖା ଯେ ପିତା ମୋତେ ପଡିଲା ହାଦେ ।୪୫ ।
ଜାରା ଶବର ମାଇଲା ଯେ ଆମ୍ଭନ୍ତ ବାଳ କାଳେ
ଦ୍ରୋଣ ଗୁରୁ ଥାନ୍ତେ ସେ ମୋତେ ଉଦ୍ଧରିଲେ ବେଳେ ।୪୬ ।
କହୁଂ କହୁଂ ଦ୍ରିଯୋଧନ ଯେ ପଡିଲା ମହୀ ଲୋଟି
କ୍ରୋଧେ ପଡି ଗଡିଣ ଯାଉଛନ୍ତି ଧୃତରାଷ୍ଟ ଧୃତରାଷ୍ଟି ।୪୭ ।
ଶତେ ଭାଇଙ୍କର କ୍ରୋଧ କହି ତ କି ପାରି
ନିର୍ଘାତ ବାଣ କି ପଡୁଅଛି ଅଙ୍ଗେ ସବୁଙ୍କରି ।୪୮ ।
ପାଣ୍ଡବଙ୍କର ବିହୁନେ ମୋର ଜୀବନେ କାର୍ଯ୍ୟ କିସ
ୟେହିକ୍ଷଣି ଭକ୍ଷିବି ମୋତେ କେ ଆଣି ଦେବ ବିଷ ।୪୯ ।
ଦେହ ମିଳାଉ ମୋର ଯେ ଅର୍ଜୁନର କଷ୍ଟ ଦେଖି
ତୋହୋର ଅଭାବେ ବାବୁ ରେ ହୋଇଲି ନିରିମାଖି ।୫୦ ।
ଦଶ ଦିଶ ମୋତେ ଅନ୍ଧାର ଦିଶିଲା
ଶରଦ ଚନ୍ଦ୍ରମାକୁ କି ରାହୁ ଗରାସିଲା ।୫୧ ।
ଉର ଶିର ଦ୍ରିଯୋଧନ ପାଷାଣେଣ କୋଡି
କୋଳ କରି ଗାଙ୍ଗେବ ଧଇଲେ ତାକୁ ଭିଡି ।୫୨ ।
ଭୂରିସର୍ବାୟେ ଧରି ଅଛନ୍ତି ଧୁଶାସନକୁ
ସଞ୍ଜୟେ ଧରି ଅଛି ଅନ୍ଧ ଯେ ରାଜାକୁ ।୫୩ ।
ରାଧା ଧରି ଅଛି ଯେ ଗାନ୍ଧାରସେନ ଦୁହିତାକୁ ।୫୪ ।
ବିଦୁର ମହାତମା କହଇ ଶାନ୍ତି ବୁଦ୍ଧି
ରହ ରହ ଦ୍ରିଯୋଧନ ତୁ ଅନମିତ୍ତେ ନୋହସି କ୍ରୋଧୀ ।୫୫ ।
ଆମ୍ଭର ଦେହ ନ ସହଇ ତୋହୋର କ୍ରୋଧ କଲେ
ପାଣ୍ଡବେ ଆସିବେ କି ତୋହୋର ନାଶ ଗଲେ ।୫୬ ।
ସମସ୍ତେ ମରିବା କି ପାଣ୍ଡବଙ୍କର ପାଇଂ
କେ ପାରୁ ଯୁଝେଷ୍ଟିକି ଆଣୁନା ଜୀଆଇଂ ।୫୭ ।
ଅପ୍ରମିତ କ୍ରୋଧେ କରନ୍ତି ସର୍ବେ ମିଳି
ବ୍ରହ୍ମାଣ୍ଡ ଉଛୁଳୁଛି ଅସଂଖ୍ୟ ବୋବାଳି ।୫୮ ।
ସମସ୍ତ ରାଜ୍ୟରେ ବାରତା କହିଲେ ଦେଶାଉରେ
ପାଣ୍ଡବେ ଦହନ ହୋଇଲେ ବାରୁଣାବନ୍ତ ଜଦୁର ଘରେ ।୫୯ ।
ଦ୍ରୋଣେ ଥିଲେ ଯେ ତ୍ରିପୁରାନ୍ତକ ପର୍ବତେ
ତପ ଧର୍ମ ଉପେଖି ଆସନ୍ତି ଶୀଘ୍ରଗତେ ।୬୦ ।

-----------------------------

୪୭ ।୨ ଧୃତରାଷ୍ଟ ଓ ଧୃତରାଷ୍ଟି–ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନ ।

ପ୍ରବେଶ ହୋଇଲେ ଆସି ହସ୍ତିନା ଭୁବନେ
ବିଦୁରଙ୍କୁ ପଚାରନ୍ତି ଭାରଦ୍ୱାଦଶଙ୍କର ନାନେ ।୬୧ ।
ଲୋୟେ ଅନ୍ଧ ସବୁଙ୍କରି ଚକ୍ଷୁ ବେନି
ଦ୍ରୋଣ ଗୁରୁ ବୋଲି କେହି ନ ପାରିଲେ ଚିହ୍ନି ।୬୨ ।
ବିଦୁରଙ୍କୁ ଦ୍ରୋଣେ ପଚାରନ୍ତି ୟେକାନ୍ତେ
ତୋହୋର ଥାନ୍ତେ ପାଣ୍ଡବେ ନାଶଗଲେ କେମନ୍ତେ ।୬୩ ।

ବିଦୁର ବୋଇଲେ ଭୀମ ଧୁଶାସନ ଯହୁଂ ହୋଇଲେ ଅପ୍ରୀତି
ପୁଅନ୍ତ ଘେନି ଅପସରିଲେ ଦେବୀ ଯେ କୋଇନ୍ତୀ ।୬୪ ।
ବାରୁଣାବନ୍ତେ ଯାଇଂ ରହିଲେ ଅନେକ ସୁସ୍ତେ
ପ୍ରମାଦ ଉପୁଜିଲା କର୍ମର ଘଟ ସୂତ୍ରେ ।୬୫ ।
ବିଦୁର ନିରାଶ ବଚନ ଶୁଣି ଦ୍ରୋଣ ଗୁରୁ
ଶରୀର ବିଅର୍ଥ କଲେ ଅର୍ଜୁନ ସୁମରୁ ସୁମରୁ ।୬୬ ।
ଧାଇଂ ଯାଇ କୋଳେ କରି ଧଇଲେ ଅଶସ୍ତମା
ଭୋ ପିତା ତୁମ୍ଭେ ନୋହ ଅସାଷ୍ଟମ ଆତ୍ମା ।୬୭ ।
ବିଦୁର ବୋଇଲେ ହୋ ସମସ୍ତେ ଥିର ହୋଇ ରହ
ପଣ୍ଡିତ ପଣ କରି କି- । ଜଣେ ହେଂ ନ କହ ।୬୮ ।
ପଳାଇବା ଲୋକଙ୍କୁ କି ବିକଳ ହୋଇବା
ଦୂତ ବରଗିବା କି ଆପଣେ ଲୋଡିବା ।୬୯ ।
ତହିଂ କି ଉପାୟ କରିବା ଦିବ୍ୟ ମଉଷୋଧି ଲୋଡି ? ୭୦ ।
ଅଗ୍ନି ଦହିଜ କଲା ସବୁଙ୍କରି ଗାତ୍ର
କାୟା ଭସ୍ମ ହୋଇଲା କାଳ ଯହିଂ ତ ପ୍ରାପତ ।୭୧ ।
ଦହନ ପାନ ପୁରୁଷ ସେ ଗ୍ରାସିଲାକ ଆପଣ
ତହିଂକି କ୍ରୋଧ କର କେବଣ କାରଣ ।୭୨ ।
ରହ ରହ କୁରୁନାଥ ଛାଡି ମେଲ ଶୋକ
କିସ ତୋତେ ବୁଝାଇବି ତୁ କି ଅଟୁ ମୂର୍ଖ ।୭୩ ।

---

୬୩ ।୧ ଲୋୟେ – ଲୁହରେ ।
୬୫ ।୨ କର୍ମର ଅନର୍ଥେ, ଆୟତ୍ତେ କର୍ମର ଅଲଙ୍ଘିତେ, କରମର ଚିତ୍ରେ ।

ବାବୁ ଛାଡି ମେଲ କ୍ରୋଧ ମୋହବନ୍ଧ ଚିନ୍ତା
ଥିର ହୋଇ ରହି କି ଯାଆନ୍ତା ପଥ ଶ୍ରାନ୍ତା ।୭୪ ।
କାଳ ବୋଲି କରି ହୋ ଯେବଣ ପୁରୁଷ
ନିର୍ଦୟା ନିରାପକ୍ଷ ସେ କହାକୁହିଂ ନୋହେ ବଶ୍ୟ ।୭୫ ।
ତାହାକୁ ଜାଣିମାକୁ ୟେଥେ କେ ଅଛି ସାମରଥ
କି- । ଅନେକ ରାଜ୍ୟ ସିଂହାସନ ଛାଡିଲେ ବିଶ୍ୱାମିତ୍ର ।୭୬ ।
ସର୍ବ ସୁଖ ଛାଡି ପରିତ୍ୟାଜ ଛାଡିଲେ ସୁଖ ଭୋଗୀ
ଛାଡିଲେ ଜଞ୍ଜାଳ ସେ ହୋଇଲେ ପରମ ଯୋଗୀ ।୭୭ ।
ସୋଧର ନିଧନେ ସେ ଅନେକ କଷ୍ଟ ବୋଲି
କେୟେଥେ ଅମର ଅଛି ସମସ୍ତେ ମରିବା କାଲି ।୭୮ ।
ଆହୋ ବଡ ଭାଗ୍ୟବନ୍ତା ସେ ପାଣ୍ଡବେ ପୁଣ୍ୟ ଦେହୀ
କାହାରି କଷ୍ଟ ନ ଦେଖି ଧର୍ମ ପଥେ ଗଲେ ଆଗ ହୋଇ ।୭୯ ।
କେହୁ ଆଗେ କେହୁ ଅବା ହୋଇ ଥାଇ ପଛ
ବହନ୍ତା ପଥକୁ କି- । ଅରଗଳି ଦେଉଅଛ ।୮୦ ।
ଆରମ୍ଭେ ମୁରାଟ ହୋଅ କ୍ରୋଧ ଛାଡି ମେଲ
ପର ରାଷ୍ଟ୍ରକୁ ୟେତେ କ୍ରୋଧ କଲେ ନୋହଇ ଭଲ ।୮୧ ।
ହରି ବଳରାମ ଯେ ବିଜୟେ ରଇବ୍ରତ ପର୍ବତେ
ଇନ୍ଦ୍ର ଉଛବ ଯାତ୍ରା ବିଧାନେ ଯଦୁ ଭୋଜ ସମସ୍ତେ ।୮୨ ।
ୟେସନେକ ସମୟେ ମିଳିଲେ ମୁନେହି
ଉଗ୍ରସେନର ଆସ୍ଥାନେ ବାରତା ଯାଇ କହି ।୮୩ ।
ସ୍ୱାମୀ ପାଣ୍ଡବେ ଥିଲେ ବାରୁଣାବନ୍ତ ଯଦୁର ଘରେ
କୋଇନ୍ତା ଆଦି କରି ଦହନ ହୋଇଲେ ପାଣ୍ଡବ ପଞ୍ଚୁ ବୀରେ ।୮୪ ।
ଦେଶାଉର ତହୁଂ ୟେସନ ବାରତା ଶୁଣି

ଉଗ୍ରସେନେ ଜଣାଇଲା ଦେବ ଚକ୍ରପାଣି ।୮୫।
ଶୁଣ ଦେବ ଯଦୁବୀର ବିପରୀତ ବାରତା
ଜଦୁର ଘରେ ନାଶଗଲେ ପଞ୍ଚୁ ପାଣ୍ଡବେ ଆବର କୋଇନ୍ତା ।୮୬।
-------------------------------
୮୦।୨ ବହନ୍ତା ପାଥକୁ କିଏ- ଅରଗଳି ଦେଉଅଛି ।
୮୦।୨ ପାଥକୁ-ଜଳକୁ ।

ଲୋକିତେ ଚକତି ହୋଇଲେ ଚକ୍ରପାଣି
ପୁଣି ଛଦ୍ରମେ କାନ୍ଦାନ୍ତି ଲୋଟିଣ ଧରଣୀ ।୮୭।
ଯଦୁଂ ଆପଣେ ଅପାର ଶୋକ କଲେ ଶ୍ରୀପୁରୁଷୋତ୍ତମ
ନାରାୟଣଙ୍କୁ ଶାନ୍ତି କରାନ୍ତି ଦେବ ବଳରାମ ।୮୮।
ବଳରାମ ବାସୁଦେବ ଅନେକ ବିକଳ
ପୁଣ ପୁଣ ନିଚେଷ୍ଟ ଦେବ କାମପାଳ ।୮୯।
ହା ହା ଯୁଝେଷ୍ଠି ବୋଲି ବୋଲନ୍ତି ହଳପତି
ଅଦୋଷେ ନାଶ ଗଲ କର୍ମର ବିପତ୍ତି ।୯୦।
ସଞ୍ଚୟେ ପାଣ୍ଡବେ ଯେବେ ହୋଇଲେ ପ୍ରାଣଭ୍ରଷ୍ଟ
ଅନେକ କଷ୍ଟ ପାଇବ ନୃପତି ଧୃତିରାଷ୍ଟ ।୯୧।
ବଦୟନ୍ତି ସଂକ୍ରିଷେଣ ଶୁମ ହୋ ଜନାର୍ଦ୍ଦନ
ଧୃତିରାଷ୍ଟ ତହିଂକି ଯିବାଟିକି ପାଣି ଦରଶନ ।୯୨।
ଦାରୁକା ସାତ୍ୟକି ହକାରି ବୋଲନ୍ତି ଦେବରାଜ
ତାଳଧ୍ୱଜ ନନ୍ଦିଘୋଷ ବେଗ କରି ସାଜ ।୯୩।
ନାରାୟଣଙ୍କ ଆଗ୍ୟାଂୟେ ବେନି ଯେ ସାରଥି
ଅନେକ ରତ୍ନ ସେ ରଥରେ ମଣ୍ଡନ୍ତି ।୯୪।
ତାଳଧବଜ ରଥ ସାଜଇ ଦାରୁକ
ଉପରେ ସୁବର୍ଣ୍ଣ ବନ୍ଧା ଶ୍ୱେତ ଚାମର ୟେକ ଲକ୍ଷ ।୯୫।
ତାଳିମ୍ବ ନେତ ଯେ ଲମ୍ବାନ୍ତି ଚଉସରା
ଶତେ ସରି ମାଣିକ୍ୟ ମୁକୁତା ମାଳମାନ ଝରା ।୯୬।
ନେତର ଚିରାଳ ପାତଙ୍ଗ ଯେ ଫିରିଫିରାନ୍ତି ବାୟେ
ଚାରି କୋମେ ଦାସୀନେତର ଆଳମ୍ବ ଶୟେ ଶୟେ ।୯୭।
ସୁବର୍ଣ୍ଣ କାଠିରେ ଅଷ୍ଟ ରତ୍ନେଣ ଉଦ୍ଦଣ୍ଡ
ଝଳନ୍ତି ବଇଡୁର୍ଯ୍ୟେ ନୀଳା ରତ୍ନେଣ ଚାରିକାଣ୍ଡ ।୯୮।
ସହସ୍ରେ ସହସ୍ରେ ପତନି ହୀରା କନକରେ ଜଡି
ଫେରକେଣ ଗଜମୁକୁତା ପାଞ୍ଚ ପାଞ୍ଚ ସରି ।୯୯।
-------------------------------
୯୪।୨ ଅନେକ ଯତନେ ସେ ରଥ ମଣ୍ଡାନ୍ତି ।
୯୨।୨ ପାଣି ଦର୍ଶନ-ତର୍ପଣ ପ୍ରଭୃତି କାର୍ଯ୍ୟ ।

ତଥିର ସଙ୍ଗତେ ମକରତ ଧାଡି ଧାଡି
ରତ୍ନ ପାଟିୟା ଉପରେ ମାଣିକ୍ୟ ଦର୍ପମ ଅଛି ଜଡି ।୧୦୦।
ଶତେ ମୁକୁତାରେ ମାଣିକ୍ୟ ପୁଞ୍ଜି ପୁଞ୍ଜି
ତରୁଣ ଆଦିତ୍ୟ ତେଜ ପ୍ରଭାତରେ ଗଞ୍ଜି ।୧୦୧।
ରଥର ଚାରିକତି ସୁବର୍ଣ୍ଣର ଘଣ୍ଟିକା
ପରିମଳ ଶବଦେ ଯେ ଝଟକନ୍ତି ରତନର ଶିଖା ।୧୦୨।
ଶୁକଳ ପତନି ରଙ୍ଗ ପତନି ଦାସୀନେତ ତୁଲେ
ଗଜ ବନ୍ଧ ମାନନ୍ତ ନେଇ ଉପରେ ରଞ୍ଜିଲେ ।୧୦୩।

ତାଳଧ୍ୱଜ ରଥେ ସୁବର୍ଣ୍ଣ ଅହିବ୍ରତେକ ଲମ୍ବି
ଯେସନେକ ଅମର ସଭା ଦିଶଇ ଆରମ୍ଭି ।୧୦୪।
ରଥର ଚାରି ପୀଢ ସୁବର୍ଣ୍ଣର କୋଣ କାଣ୍ଡ
ଝଟକନ୍ତି ହୀରାୟେ ଯେହ୍ନେ ଉଦୟ ମାରତଣ୍ଡ ।୧୦୫।
ୟେସନେକ ସ୍ୱରୂପ ଯେ ତାଳଧ୍ୱଜ ରଥ ଶୋଭା
କୁବେର ଭୁବନ ଜାଣି ଚନ୍ଦ୍ର କିରଣ ପ୍ରଭା ।୧୦୬।
ଶ୍ୱେତ ଅନନ୍ତ ଗୋକ୍ଷୁର ଶାର୍ଦ୍ଦୁଳ ଚାରି ବାଜୀ
କଳପୀ ହୟେ ଯେ ଅଟନ୍ତି ମହାତେଜୀ ।୧୦୭।
ୟେକା ନିମିଷକେ ତୈଲୋକ୍ୟ ପାରନ୍ତି ଖେପି
ମହାଯାଗୁଂ ସମ୍ଭୂତ ହୟେ ଅଟନ୍ତି କାମରୂପୀ ।୧୦୮।
ତାହାଙ୍କର ମୂଳେ ସହସ୍ରେ ସହସ୍ରେ ବାଜୀ
ଚୋଖାର ତୁରଙ୍ଗମ ସେ ପବନୁ ବେଗ ତେଜି ।୧୦୯।
ୟେ ଅଶ୍ୱନ୍ତି ଯୋଚିଲା ନେଇ ଦାରୁକ ସାରଥି
ଶେଣା ପକ୍ଷୀ ପ୍ରାୟେ ସେ ଖେପନ୍ତି ଗଗନ ଗତି ।୧୧୦।
ତାଳଧ୍ୱଜ ରଥେ ବିଜୟେ କାମପାଳ
ଶ୍ରୀଭୁଜେ ଶୋଭମାନ ସ୍ୱାମୀର ସଉନନ୍ଦ ମୂଷଳ ।୧୧୧।
ଶିରେଣ ସପତ ଫଣା ଯେ ଭୁଜଙ୍ଗ ମଉଳି
ରେବତୀର ବଲ୍ଲଭ ସ୍ୱାମୀ ପ୍ରତଗ୍ୟାଂ ସାମରଥା ଦେବ ହଳୀ ।୧୧୨।
---------------------------------------
୧୦୨ ।୨ ଝଣ ଝଣିତ ଶବଦ ଯେ ଝଟକନ୍ତି ରତ୍ନ ଶିଖା ।

ଶିରରେ ସୀମନ୍ତ କଟିରେ ମେଖଳା ପବିତ୍ରା
ନୀଳ ବସନ ଆଭରଣ ସ୍ୱାମୀ ଲୋହିତ ବର୍ଣ୍ଣ ନେତ୍ରା ।୧୧୩।
ଯାତ୍ରା ମଙ୍ଗଳ ସୁଯୋଗେ ଶୁଭ ଅନକୂଳେ
ଭୁଜଙ୍ଗ ମଣ୍ଡଣ ସ୍ୱାମୀ ବିଜୟେ କାମପାଳେ ।୧୧୪।
ଦାରୁକ ମଣ୍ଡିଲା ଯେ ନନ୍ଦିଘୋଷ ରଥ
ଅନେକ ସମ୍ଭ୍ରେ ସ୍ୱାମୀ ବିଜୟେ ଜଗନ୍ନାଥ ।୧୧୫।
ଶେତ ଗୋକ୍ଷୀର ଶଙ୍ଖ କାମପାଳ ଚାରି ହୟେ
ଜଳ ବାରଣ ଅନଳ ନିସ୍ତାରଣ କାୟେ ।୧୧୬।
ଶ୍ରୀଭୁଜେ ଶଙ୍ଖ ଚକ୍ର ଶାରଙ୍ଗ କୌମୋଦୀ
ବିଜେ ଜଗମୋହନ ସ୍ୱାମୀ ପରମ ସାନନ୍ଦୀ ।୧୧୭।
ଉଡନ୍ତି ହୟବର ପବନ ଗତି ଜାଣି
ଦେଖିଣ ଅନେକ ସାନନ୍ଦ ଦେବ ଦିନକର ମଣି ।୧୧୮।
ବାହାନ୍ତି ତୁରଙ୍ଗମ ସେ ବେନି ସାରଥି
ହସ୍ତିନା ଭୁବନେ ବିଜେ କୃଷ୍ଣ ହଳପତି ।୧୧୯।
ଅମଙ୍ଗଳ ଭୁବନେ ଯେ ଦିଶଇ ନାରଖାର
କଳହ ଅସ୍ତାନ ପ୍ରେୟେ ସେବନ୍ତି କୁରୁବୀର ।୧୨୦।
ଶ୍ରୀଖଣ୍ଡ ଚନ୍ଦନ ମାନ ଗୋବିନ୍ଦର କାୟେ
କ୍ରୋଧ ଭରେ ନୃପତି ହୋଇଛି ରେଣୁ ମୟେ ।୧୨୧।
ଧୃତରାଷ୍ଟ ଦ୍ରିଯୋଧନ ସବୁରି କଷ୍ଟ ଦେଖି
ଆସନ୍ତି ବେନି ଭ୍ରାଥେ ଯାନ ବାହାନନ୍ତ ଉପେଖି ।୧୨୨।
ସଞ୍ଜୟେ କହିଲେ ଶୁଣ ଧୃତରାଷ୍ଟ୍ରେ
ସ୍ୱାମୀ ସନ୍ନୀଧ୍ୟେ ତୋହୋରି ବିଜେ କଲେ ରାମ କୃଷ୍ଣେ ।୧୨୩।
ଅମ୍ବିକାର ନନ୍ଦନ କହଇ ଶୋକ ଭରେ କଥା
ୟେହେନେକ ବିପଦ ସ୍ୱାମୀ ବିହିଲା ମୋତେ ଧାତା ।୧୨୪।

ଭୀମ ଧୁଶାସନ ଯହୁଂ ହୋଇଲେ ଅନ୍ୟାଅନ୍ୟି
ମୁହିଂ ୟେକାନ୍ତେ ଭାଳିଲି ଯୁଝେଷ୍ଠିଙ୍କି ଘେନି ।୧୨୫ ।
ୟେକାଠାରେ ଥିଲେ ବାବୁ ହୋଇବ ଅନ୍ୟଅନ୍ୟି
ବାରୁଣାବନ୍ତେ ରହ ଯାଇଂ ଭାଇନ୍ତ ତୋର ଘେନି ।୧୨୬ ।
ଗୁରୁଜନ ବଚନେ ଦେବ ଅଲଙ୍ଘିତ ଯୁଝେଷ୍ଠି
ବାରୁଣାବନ୍ତେ ରହିଲେ ମୋର ପୁତ୍ର ପାଞ୍ଚ ଗୋଟି ।୧୨୭ ।
କାଲି ରାତ୍ରେ ଦେବ ମୋତେ ପଡିଲା ବିପଦ
ସେ ପଞ୍ଚୁ ପୁତ୍ରଙ୍କୁ ହାଦେ ପଡିଲା ପରମାଦ ।୧୨୮ ।
ଝିମାଣିଶାଳୁ ଅଗ୍ନି ପଡି ଦେବ ପୁର ଦହନ ହୋଇଲା
କୋଇନମ୍ବା ସହିତେ ମୋର ପଞ୍ଚୁ ପୁତ୍ର ନାଶ ଗଲା ।୧୨୯ ।
ବିନାଶ କାଳକୁ ଦେଖ ବିପରୀତ ବୁଦ୍ଧି
ବିପଦ କର୍ମେଣ ମୋହୋର ୟେଲନେକ ଲିହି ବିଧି ।୧୩୦ ।
କହୁଂ କହୁଂ ମୃଷାଗତ ହୋଇଲେ ଧୃତରାଷ୍ଟ୍ର
ରହ ରହ କୁରୁପତି ବୋଲି ଧଇଲେ ଜଗନ୍ନାଥ ।୧୩୧ ।
ଜଗୁଜନ ବନ୍ଧୁ ଯେ ଜଗତ ଜନ ହିତକାରୀ
କେବଣ ପାତକେ ମୋତେ ୟେତେକ ବିପତ୍ତି ପଡି ।୧୩୨ ।
ଦ୍ରିଯୋଧନ ଅସାଷ୍ଟମ ବଳରାମଙ୍କ ମୁଖ ଦେଖି
ବେଳେକ ସୋଦରନ୍ତା ସ୍ୱାମୀ ନ ପାରିଲୁ ରଖି ।୧୩୩ ।
ଶ୍ରୀହରି ବୋଇଲେ ତୁମ୍ଭେ ଶୁଣ କୁରୁପତି
ଦଇବ କୃତ୍ୟେ ତୋତେ ହୋଇଲା ଅନୀତି ।୧୩୪ ।
ବଳରାମେ ବୋଇଲେ କାହିଂ ଦହନ ହୋଇଲେ ପାଣ୍ଡବେ
ଚାଲ ହୋ ଦେଖିଯିବା ବୋଲନ୍ତି ବଳଦେବେ ।୧୩୫ ।
ରାମର ବଚନେ ସଜ ହୋଇଲେ କୁରୁଥାଠ
ଅନେକ ଗହଳ ଯେ ହୋଇଲା ମୁରାଟ ।୧୩୬ ।
ଯଦୁର ଘର ଦେଖିବାକୁ ଯାଆନ୍ତି ସଇନି
ମହାତେଜ ହୋଇ ଯେ ଦହୁ ଅଛି ଅଗ୍ନି ।୧୩୭ ।
ବିଦୁରକୁ ୟେକାନ୍ତେ ପଚାରନ୍ତି ଜନାର୍ଦ୍ଦନ
ପାଣ୍ଡବଙ୍କର ଚରିତ ହୋ କେବଣ ବିଧାଣ ।୧୩୮ ।

-----------------------------

(ବୃଦ୍ଧ କାଳକୁ ଦେଖ ବିପରୀତ ବୁଦ୍ଧି ।
୧୩୦ ।୨ ବିପଦ କାଳେ ପଡିଲା ମୋତେ ଏତେକ ଅବିଧି (ପା)
ବିପତ୍ତି କର୍ମେ ମୋହୋର ଲେଖିଅଛି ବିଧି ।

ବିଦୁରେ ବୋଇଲେ ଦେବ ଗଲେନି ପାର ହୋଇ
ଅରଣ୍ୟେ ପଶିଲେନି ଯେ ୟେହାଙ୍କୁ ଗୋଚର ନାହିଂ ।୧୩୯ ।
ଭୋ ନାଥ ନାରାୟଣ ତୁ ମନ୍ଦ କୃତ୍ୟ କଲୁ
ୟେ ଜଦୁର ଘର ଦେଖାଇ କି-। ୟେହାଙ୍କୁ ଆଣିଲୁ ।୧୪୦ ।
ୟେଥିରେ ଦହନ ହୋଉଛନ୍ତି ଶବରୁଣୀ ପଞ୍ଚୁ ପୁତ୍ରେ
ନ ପୁମ ଚିହ୍ନନ୍ତି ୟେ ଦେଖିଲେ ନିଜ ଗାତ୍ରେ ।୧୪୧ ।
ଶ୍ରୀହରି ତ୍ରାସିଲେ ଯେ ବିଦୁର ବଚନେ
ସୁଦ୍ରିଶେଣ ଚକ୍ର ପେଷିଲେ ଅଗ୍ନି ଦହନ ସ୍ଥାନେ ।୧୪୨ ।
ନ ଚିହ୍ନନ୍ତୁ କୁରୁ ବୀରେ ଦୁଗୁଣ ତେଜ ବହୁ
ବାସୁଦେବର ମାୟା ହୋ ଜାଣିମାକ କେହୁ ।୧୪୩ ।
ୟେ ସେ ମାୟାଧର ହୋ ମହାମାୟା ରଞ୍ଜନା
ଭାରା ନିବାରିବାକୁ ୟେ କୂଟ ଉପାୟେ ସିନା ।୧୪୪ ।

ଶ୍ରୀହରୀ ବୋଇଲେ ହୋ ଶୁଣ କୁରୁପତି
ମୃତୁ ପିଣ୍ଡ ଗନ୍ଧ ଲାଗିଲେ ଶିରୀ ହୋୟେ କ୍ଷତି ।୧୪୫ ।
ଦୂରେ ଥାଇ ଦେଖନ୍ତି ସମସ୍ତ ବୀରମାନେ
ଦେଖୁଛନ୍ତି ଛତ ପିଣ୍ଡ ହୋଉଛନ୍ତି ଦହନେ ।୧୪୬ ।
ହା ହା ଦଇବ ବୋଲି ଯେ ପଡିଲା କୁରୁପତି
ଭୀଷ୍ମ, ଦ୍ରୋଣ, କର୍ଣ୍ଣ , ଭୂରିସର୍ବା, ଶଲ୍ୟ, ଅଶସ୍ତମା ସର୍ବ କ୍ଷେତ୍ରୀ ।୧୪୭ ।
ଦ୍ରିଯୋଧନ ଶତେ ଭ୍ରାଥେ ଆବର କୁରୁଦେବ
ସମସ୍ତେ ବଜ୍ର ଘାତେ ପଡିଲେ ପାଣ୍ଡବଙ୍କର ଅଭାବେ ।୧୪୮ ।
ରାମକୃଷ୍ଣ ସମାଜ୍ରନା କରନ୍ତି ସବୁନ୍ତି
ଗୋବିନ୍ଦେ ବଦନ୍ତି ହୋ କ୍ରୋଧ କର ଶାନ୍ତି ।୧୪୯ ।
କ୍ରୋଧ ଶାନ୍ତି କର ହୋ ଅମ୍ବିକାର ସୁତ
ଅନେକ କ୍ରୋଧ ଅବସ୍ତା ତୋତେ ଅଛିନି ବହୁତ ।୧୫୦ ।
--------------------------------
୧୫୦ ।୧ ଅନେକ କ୍ରୋଧ ଅବସ୍ତା ତୋତେ ଅଛିନି ବହୁତ-ପାଦ ପରେ ଅଧିକ ପାଠ-
ଜଦୁର ଘରେ ଦେଖାନ୍ତି ସବୁ ମାନ
ଚିହ୍ନାଇ ଦିଅନ୍ତି ଯେ ପ୍ରଭୁ ଭଗବାନ ।

ଅପାର କୁଟୁମ୍ବ ତୁ ଯେ ଅରଜିଲୁ ଧୃତରାଷ୍ଟ
ମୋହୋର ବିଚାରେ ତୋତେ ହୋଇବ ଅନେକ କଷ୍ଟ ।୧୫୧ ।
ଧୃତରାଷ୍ଟ ଦ୍ରିଯୋଧନକୁ ଶାନ୍ତି ଯେ କରାଇ
ବାହୁଡି ହସ୍ତିନା ଭୁବନକୁ ଆସନ୍ତି କୁରୁସାଇଂ ।୧୫୨ ।
ପ୍ରେତ କାର୍ଯ୍ୟ କରିବାକୁ ଯେସନେକ ବିଧି
ସାଂସାରିକା ଧର୍ମକୁ ରାଜା ଯେସନେକ ବିଧି
ସାଂସାରିକ ଧର୍ମକୁ ରାଜା ଯେସନେକ ହୋଇ ସିଦ୍ଧି ।୧୫୩ ।
କରନ୍ତି କୁବେରୀରେ ପ୍ରେତକାର୍ଯ୍ୟ  ବିଧାନ
ରହିଲେ ଯଦୁ ନନ୍ଦନ କୁରୁ ରାଜାର ଆସ୍ତାନ ।୧୫୪ ।
ନବ ଦିବସ ପରିଯନ୍ତେ ଅନେକ ଦାନ ଦିଲେ
ଦଶାହ ଶ୍ରାଦ୍ଧକରି ୟେକାଦଶ ପିଣ୍ଡ ଭିଆଇଲେ ।୧୫୫ ।
ହୋମ କର୍ମେଣ କରାନ୍ତି ଘୃତ ପାକ
ପାରଣା ଆଚୋବନ ଶୁଦ୍ଧ ଯେ ପାତ୍ରକ ।୧୫୬-୭୦୩୯ ।
-------------
ନାରାୟଣଙ୍କର ମାୟାକେ କରି ପାରିବ ଗୋଚର
ସୁଦ୍ରିଶେନ ଦୃଛନାରେ ଚିହ୍ନନ୍ତି କୁରୁବୀର ।
ନେଇଣ ଅଙ୍ଗୁଳିରେ ଦେଖାଇ ଦିଅନ୍ତି ହରି
ଯୁଝେଷ୍ଟିର ଭୀମ ଅର୍ଜୁନ ନକୁଳ ସହଦେବ ଆଦି କରି ।
ୟେଟି କୋଇନ୍ତା ଅଟନ୍ତି ହୋ ପଣ୍ଡୁଙ୍କର ରାଣୀ
ପୁରଞ୍ଜନ ପଣ୍ଡା ୟେଥେ ମଲା ଅକାରଣେ ପୁଣି ।
ସମସ୍ତଙ୍କୁ ଚିହ୍ନାନ୍ତି ଦେବ ଭଗବାନ
ବାଳରାମ ଆଦି ନ କରି ବାରଣ ।
ଫେରିଣ ଆସନ୍ତି ସମସ୍ତେ କୁରୁ ବୀରେ
ବାଟରେ କହନ୍ତି ତାହାକୁ ଚକ୍ରଧରେ ।